## ପମ୍ପ ହାଉସରୁ ଚୋରି ଅଭିଯୋଗ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ପାଣି ପଞ୍ଚାୟତ ପମ୍ପ ହାଉସରୁ ଦୁର୍ବୃତ୍ତ ମୋଟର ଚୋରି କରି ନେଇଛନ୍ତି। ବୈତରଣୀ ନଦୀରୁ ଉଠା ଜଳସେଚନ ମାଧମରେ କପୁଣ୍ଡି ଗ୍ରାମର ୪ ନଂ. ୱାର୍ଡର ଚାଷୀମାନଙ୍କ ବିଲକୁ ଜଳସେଚନ ପାଇଁ ପମ୍ପ ହାଉସ ପରିସରରେ ଏକ ମୋଟର ଲାଗିଥିଲା। ମୋଟର ଚୋରି ହୋଇଥିବାର ଗ୍ରାମର ବିଜୟ କୁମାର ମଲ୍ଲିକ, ବିଦ୍ୟାଧର ମହାନ୍ତ, ଜଗନ୍ନାଥ ଦଣ୍ଡ ପାଟଙ୍କ ସହ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପାଟଣା ଥାନାରେ (ନଂ. ୯୩/୨୩)ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମନୋରମା ସ୍ୱାଇଁ କହିଛନ୍ତି।

# ‘ମହିଳାଙ୍କ ଉନ୍ନତି ହେଲେ ରାଜ୍ୟ ଆଗକୁ ବଢ଼ିବ’

ଭଦ୍ରକ ଅଫିସ, ୧୧।୬

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି. କେ. ପାଣ୍ଡିଆନ ରବିବାର ଭଦ୍ରକ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ହେଲିକପ୍ଟରରେ ଆସି ଅପରାହ୍ନ ୪ଟାରେ ଭଦ୍ରକ ନେହେରୁ ଷ୍ଟାଡିୟମରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ସେ ଷ୍ଟାଡିୟମରେ ଚାଲିଥିବା ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ସେଠାରେ ଆୟୋଜିତ ସଭାରେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କ ସହ କଥା ହୋଇଥିଲେ। ଭଦ୍ରକରେ କ୍ରିକେଟ ଷ୍ଟାଡିୟମ ନିର୍ମାଣ କରାଯିବା ସହ ଟେନିକଏଟ୍, ବାସ୍କେଟବଲ୍ ଖେଳ ପ୍ରତି କ୍ରୀଡ଼ାବିତ୍‌ଙ୍କ ଆଗ୍ରହ ବଢ଼ିବା ବିଷୟରେ ଆଲୋଚନା କରିଥିଲେ। ନେହେରୁ ଷ୍ଟାଡିୟମରେ ଫ୍ଲଡ ଲାଇଟ ସୁବିଧା କରାଯିବ ବୋଲି ଘୋଷଣା କରିଥିଲେ। ସେଠାରୁ ଚରମ୍ପା ଅଗ୍ରେସନ ଭବନଠାରେ ଆୟୋଜିତ ମିଶନ ଶକ୍ତି ମହିଳା ସମାବେଶରେ ଯୋଗ ଦେଇଥିଲେ। ମହିଳାମାନଙ୍କର ଉନ୍ନତି ହେଲେ ରାଜ୍ୟ ଆଗକୁ ବଢ଼ିବ। ରାଜ୍ୟରେ ୭ ଲକ୍ଷ ମହିଳା ଗୋଷ୍ଠୀର ୭୦ ଲକ୍ଷ ସଦସ୍ୟା ଅଛନ୍ତି। ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଯେଉଁ ପଞ୍ଚାୟତରେ ସରକାରୀ ବିଲ୍ଡିଂ କୌଣସି କାମରେ ଲାଗୁନାହିଁ, ସେଗୁଡ଼ିକୁ ମିଶନ ଶକ୍ତି ଅଧିକାର କରି ବ୍ୟବହାର କରିପାରିବ। ପ୍ରତି ବ୍ଲକସ୍ତରୀୟ ଫେଡେରେଶନ ପାଇଁ ଗାଡ଼ି ଯୋଗାଇ ଦିଆଯିବ। ବ୍ଲକ, ପଞ୍ଚାୟତ ଓ କ୍ଲଷ୍ଟରସ୍ତରୀୟ ଫେଡେରେଶନରେ ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସିଆର୍‌ପି ଓ ଏମ୍‌ବିକେଙ୍କ ଦରମା ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ଯେତିକି ଦିଆଯିବ, ଓଡ଼ିଶାରେ ତା’ଠାରୁ ଅଧିକ ପ୍ରଦାନ ପାଇଁ ପ୍ରସ୍ତୁତି ସରିଥିବା ସେ ଘୋଷଣା କରିଛନ୍ତି। ୫-ଟି ସଚିବ ମିଶନ ଶକ୍ତି ମହିଳାମାନଙ୍କ ସହ ହାତ ମିଳାଇଥିଲେ ଏବଂ ସେମାନଙ୍କ ଗହଣରେ ବସି ଫଟୋ ମଧ୍ୟ ଉଠାଇଥିଲେ। ଅଗ୍ରେସନ ଭବନରେ ପହଞ୍ଚିବା ପରେ ସିଆର୍‌ପି ଓ ଏମ୍‌ବିକେମାନେ ତାଙ୍କୁ ପୁଷ୍ପ ବୃଷ୍ଟି କରି ସ୍ୱାଗତ ଜଣାଇଥିଲେ। ସେଠାରୁ ଗେଲପୁରରେ ନିର୍ମିତ ମହିଳା ଓ ଶିଶୁ ବିଭାଗର ନୂତନ ମେଡିକାଲକୁ ଯାଇ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସେ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ଏହାପରେ ଭଦ୍ରକ କଲେଜରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ସମସ୍ତ କଲେଜ ରୂପାନ୍ତରୀକରଣ କରାଯିବ ବୋଲି ସେ କହିଥିଲେ। ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା ସମ୍ପର୍କରେ ଜଣେ ଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ଏ ବିଷୟରେ ପରେ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ସେ କହିଥିଲେ। ପରେ ଭଦ୍ରକ ସରକାରୀ ବାଳିକା ହାଇସ୍କୁଲରେ ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ସରକାରନଗର ଓ ଶେଷରେ ଭଦ୍ରକାଳୀ ପୀଠକୁ ଯାଇ ମା’ଙ୍କୁ ଦର୍ଶନ ସହ ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର ହେବ ବୋଲି ସେ ଘୋଷଣା କରିଛନ୍ତି। ସଚିବଙ୍କ ଗସ୍ତ ବେଳେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଡିଆଇଜି ହିମାଂଶୁ ଲାଲ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ବିଡିଓ ସୀତାକାନ୍ତ ରାଉତ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ସଚିବ ରାତିରେ ସାଳନ୍ଦୀ ଡାକବଙ୍ଗଳାରେ ରହଣୀ ପରେ ସୋମବାର ଚାନ୍ଦବାଲି, ବାସୁଦେବପୁର, ଧାମନଗର ଓ ଭଣ୍ଡାରିପୋଖରୀ ଗସ୍ତ କରିବେ।


ଚରମ୍ପା ଅଗ୍ରେସନ ଭବନଠାରେ ମିଶନ ଶକ୍ତି ମହିଳାମାନଙ୍କ ସହ ହାତ ମିଳାଉଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ଦୁଇଦିନିଆ ଭଦ୍ରକ ଗସ୍ତରେ ୫-ଟି ସଚିବ**
- ଷ୍ଟାଡିୟମ ଉନ୍ନତୀକରଣ କାର୍ଯ୍ୟ ଦେଖିଲେ
- କ୍ରୀଡ଼ାବିତ୍‌ଙ୍କ ସହ କଥା ହେଲେ
- ଜିଲାର ସମସ୍ତ କଲେଜ ରୂପାନ୍ତରୀକରଣ କରାଯିବ

### ସ୍ୱାଗତ ପାଇଁ ଖରାରେ ଠିଆ ହେଲେ

୫-ଟି ସଚିବ ଚରମ୍ପାସ୍ଥିତ ଅଗ୍ରେସନ ଭବନରେ ପହଞ୍ଚିବା ପୂର୍ବରୁ ମିଶନ ଶକ୍ତିର ସିଆର୍‌ପି, ଏମ୍‌ବିକେ, ପ୍ରାଣୀମିତ୍ରମାନେ ପ୍ରବଳ ଖରା ଓ ଗୁଳୁଗୁଳିରେ ଫୁଲତୋଡ଼ା ଧରି ଦୀର୍ଘ ସମୟ ସ୍ୱାଗତ ପାଇଁ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିଥିଲେ। ଜିଲାର ସମସ୍ତ ମିଶନ ଶକ୍ତିର ସିଆର୍‌ପି, ଏମ୍‌ବିକେ ଓ କର୍ମକର୍ତ୍ତା ବହୁସଂଖ୍ୟାରେ ଆସିଥିବା ବେଳେ ଅଗ୍ରେସନ ଭବନରେ ଜାଗା ନ ହେବାରୁ ବାହାରେ ଏଲ୍‌ଇଡି ମାଧମରେ ସଚିବଙ୍କ ଭାଷଣ ପ୍ରଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଥିଲା।

### ୫-ଟି ସଚିବଙ୍କ ସହ ସେଲ୍‌ଫି

୫-ଟି ସଚିବଙ୍କ ସହ ହାତ ମିଳାଇବା ଓ ସେଲ୍‌ଫି ନେବା ପାଇଁ ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖାଯାଇଥିଲା। ହାତ ମିଳାଇବା ଓ ସେଲ୍‌ଫି ନେବା ପରେ ସେମାନେ ବେଶ୍ ଖୁସି ହେଉଥିବା ପରିଲକ୍ଷିତ ହୋଇଥିଲା।

### ସୁରକ୍ଷା ବ୍ୟବସ୍ଥାରେ ସାଦା ପୋଷାକଧାରୀ ପୋଲିସ

୫-ଟି ସଚିବଙ୍କ ସୁରକ୍ଷା ଲାଗି ନିୟୋଜିତ ପୋଲିସ ସାଦା ପୋଷାକରେ ଥିବା ଦେଖିବାକୁ ମିଳିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ଆୟେଶା


@ସ୍ନେହା


@ପ୍ରଦୀପ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# କଳାପତାକା ଦେଖାଇଲା ଯୁବ କଂଗ୍ରେସ

**ଭଦ୍ରକ ଅଫିସ, ୧୧।୬:** ଭଦ୍ରକ ଗସ୍ତରେ ଆସିଥିବା ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ କଳାପତାକା ଦେଖାଇ ଯୁବ କଂଗ୍ରେସର କର୍ମୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ୫-ଟି ସଚିବ ନେହେରୁ ଷ୍ଟାଡିୟମରୁ ଚରମ୍ପା ଅଗ୍ରେସନ ଭବନକୁ କାର୍‌ରେ ଯାଉଥିବା ବେଳେ ୧୬ ନଂ. ଜାତୀୟ ରାଜପଥରେ ଯୁବ କଂଗ୍ରେସ କର୍ମୀମାନେ ନାରାବାଜି କରିବା ସହ କଳାପତାକା ଦେଖାଇଥିଲେ। ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘଦିନର ଦାବି ପୂରଣ ହୋଇ ନ ଥିବାରୁ ନୋ ମେଡିକାଲ କଲେଜ, ନୋ ଏଣ୍ଟ୍ରି, ଗୋ ବ୍ୟାକ୍ ପାଣ୍ଡିଆନ ଆଦି ନାରା ଦେଇ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ଘୋଷଣା କରି ନ ଥିବାବେଳେ ୫-ଟି ସଚିବଙ୍କ ଗସ୍ତର କୌଣସି ଆବଶ୍ୟକତା ନାହିଁ। ଭଦ୍ରକରେ ଏହି ପ୍ରମୁଖ ଦାବି ପୂରଣ ନ ହେଲେ ଆଗକୁ ଆହୁରି ଜୋର୍‌ଦାର ବିରୋଧ ପ୍ରଦର୍ଶନ କରାଯିବ ବୋଲି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବଳରାମ ରାଉତ କହିଛନ୍ତି। ପ୍ରଦେଶ କଂଗ୍ରେସର ପୂର୍ବତନ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ଇଲିୟାସ ଖାନ୍, ବବୁଲୁ ଦାସ, ରିଆଜ ଖାନ୍, ପ୍ରଫୁଲ୍ଲ ପୃଷ୍ଟି, ପୃଥ୍ୱୀରାଜ ନାୟକ, ଆଶିଷ ପଣ୍ଡା, ସତ୍ୟବ୍ରତ ପଣ୍ଡା, ସୁଶାନ୍ତ ମହାକୁଡ଼ ପ୍ରମୁଖ ବିରୋଧ କରିଥିଲେ।



୫-ଟି ସଚିବଙ୍କ ଗାଡ଼ି ଆଗରେ ଯୁବ କଂଗ୍ରେସ କର୍ମୀ କଳାପତାକା ଓ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

# ତତ୍ପରତା, ଘୋଷଣାକୁ ନେଇ ଉତ୍କଣ୍ଠା

ଧାମନଗର/ବାସୁଦେବପୁର,୧୧।୬ (ଡି.ଏନ.ଏ.)

୫-ଟି ସଚିବ ଭି.କେ ପାଣ୍ଡିଆନ ସୋମବାର ଧାମନଗର, ବାସୁଦେବପୁର, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି ବ୍ଲକ ଗସ୍ତ କରିବେ। ଏଥିନେଇ ପ୍ରଶାସନଠାରୁ ଆରମ୍ଭ କରି ବିଜେଡି ନେତୃବୃନ୍ଦ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛନ୍ତି। ରବିବାର ଧାମନଗରରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି, ଜିଲା ପରିଷଦ ସଭ୍ୟା ଚୁନିବାଳା ବିଶ୍ୱାଳ, ପ୍ରଦୀପ ମଲ୍ଲିକ, ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ପ୍ରତାପ ସାମଲ, ହରେକୃଷ୍ଣ ପାଢ଼ୀ, ନଗର ସଭାପତି ସୁଶାନ୍ତ ରାଉତ ଓ କାଉନସିଲରମାନେ ଆଲୋଚନା କରିଥିଲେ। ନିର୍ମାଣାଧୀନ ଜରାଶ୍ରମ ପରିସରରେ ସଭାସ୍ଥଳ କାର୍ଯ୍ୟର ତଦାରଖ କରିଥିଲେ।

୫-ଟି ସଚିବ ଧାମନଗର ବିକାଶ ପାଇଁ କ’ଣ ଘୋଷଣା କରିବେ ସେନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଛି। ବିଶେଷ କରି ଏହି ବ୍ଲକ ଅଞ୍ଚଳରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ଅଧାରୁ ଅଧିକ କାମରେ ଆସୁନି। ଏକ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଇ ଲୋକଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଘୋଷଣା କରିବେକି ବୋଲି ଲୋକେ ଆଲୋଚନା କରୁଛନ୍ତି। ୫-ଟି ସଚିବ ବାସୁଦେବପୁରରେ ପହଞ୍ଚିବା ପରେ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ, ବାସୁଦେବପୁର ଡାକ୍ତରଖାନା, ଅଟଳ ବିହାରୀ ହାଇସ୍କୁଲ, ବ୍ଲକ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଇରମ ଶହୀଦ ପୀଠକୁ ଗସ୍ତ କରିବେ। ଏଥିପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିବା ବେଳେ ପ୍ରସ୍ତୁତି କରାଯାଇଛି।

# କୁରାଢ଼ି ବେଣ୍ଟରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଔପଦା, ୧୧।୬(ସ୍ୱ.ପ୍ର.)

**ସ୍ୱାମୀ ଥାନାରେ ଅଟକ**

ବାଲେଶ୍ୱର ଜିଲା ଔପଦା ଥାନା ଫତେପୁର ପଞ୍ଚାୟତ ପାଇକପଡା ଗ୍ରାମର ଆଦିବାସୀ ବସ୍ତି ସିଂହସାହିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କୁରାଢ଼ୀ ବେଣ୍ଟରେ ପିଟି ହତ୍ୟା କରିଛନ୍ତି। ପୋଲିସ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଶନିବାର ସାହିରେ ହେଉଥିବା ଏକ ବାହାଘରରେ ଶର୍ମିଳା ସିଂ (୩୦) ସାମିଲ ହୋଇ ଆଉ ଘରକୁ ଫେରି ନ ଥିଲେ । ସ୍ୱାମୀ ରାମଚନ୍ଦ୍ର ସିଂ ଜଣେ ଗାଡି ଚାଳକ ହୋଇଥିବାରୁ ନିଜ କାର୍ଯ୍ୟ ସାରି ଅପରାହ୍ନ ୫ଟା ବେଳେ ଘରକୁ ଫେରିବା ପରେ କିଛି ରୋଷେଇ ହୋଇ ନ ଥିବାରୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ରାମଚନ୍ଦ୍ର ଉତ୍ତ୍ୟକ୍ତ ହୋଇ ଏକ ଲୁହା ଶାବଳରେ ସ୍ତ୍ରୀଙ୍କୁ ଆକ୍ରମଣ କରୁଥିବା ବେଳେ ସେମାନଙ୍କର ୧୧ବର୍ଷ ଓ ୮ବର୍ଷର ଦୁଇ ପୁଅ ମିଶି ଅଟକାଇଥିଲେ। ବାହାରେ ଛେଳିଗୁଡିକ ଚରୁଥିବାରୁ ରାମଚନ୍ଦ୍ର ଦୁଇ ପୁଅଙ୍କୁ ଛେଳି ଆଣିବା ପାଇଁ ପଠାଇଥିଲେ। ପରେ ସେ କୁରାଢ଼ୀରୁ ବେଣ୍ଟ ଖୋଲି ସ୍ତ୍ରୀ ଶର୍ମିଳାଙ୍କ ମୁଣ୍ଡ ସହିତ ଶରୀରର ବିଭିନ୍ନ ସ୍ଥାନକୁ ପିଟିବାକୁ ଲାଗିଥିଲେ। ସେଠାରେ ହିଁ ଛଟପଟ ହୋଇ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ସ୍ୱାମୀ ରାମଚନ୍ଦ୍ର ସିଂଙ୍କୁ ଥାନାରେ ଅଟକ ରଖିଥିଲା। ରବିବାର ଥାନା ଅଧିକାରିଣୀ କମଳିନୀ ତାଣ୍ଡି ଓ ଥାନା ଏସ୍‌ଆଇ ପ୍ରବୋଧ ନାୟକ ସାଇଣ୍ଟିଫିକ ଟିମ୍ ସହିତ ସିଂହସାହିରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ରାମଚନ୍ଦ୍ରଙ୍କ ଆକ୍ରମଣରେ ଶର୍ମିଳାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ବାପା ଗଡ଼ସାହି ପଞ୍ଚାୟତ ମଣିତାଜୁଆ ଗ୍ରାମର ଗଙ୍ଗାରାମ ସିଂ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୫୧/୨୩) ରୁଜୁ କରିଛି।

# ଲୋକଙ୍କ କାମରେ ଲାଗୁନି ପବ୍ଲିକ ଲାଇବ୍ରେରି

ଚମ୍ପୁଆ,୧୧।୬(ଡି.ଏନ୍.ଏ.)

**ଗୋରୁଙ୍କ ଆଶ୍ରୟସ୍ଥଳ ପାଲଟିଛି**

କେନ୍ଦୁଝର ଜିଲା ଚମ୍ପୁଆ ଏନ୍.ଏ.ସିର ସଦର ମହକୁମାର କଚେରୀ ପଡ଼ିଆଠାରେ ନବ ନିର୍ମିତ ଲାଇବ୍ରେରି ଲୋକଙ୍କ କାମରେ ଆସୁନାହିଁ। ନିର୍ମାଣର ୨ ବର୍ଷ ବିତିବାକୁ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ଖୋଲାଯାଉନାହିଁ। ଫଳରେ ସ୍ଥାନୀୟ ଛାତ୍ରୀଛାତ୍ର ଓ ପାଠିକାପାଠକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନାଯୋଗ୍ୟ, ୨୨ ଜାନୁୟାରୀ ୨୦୨୧ରେ ଜିଲା ଖଣିଜ ପାଣ୍ଠି ଅନୁଦାନରେ ୩୩ ଲକ୍ଷ ୪୩ ହଜାର ୪୬୨ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଲାଇବ୍ରେରି ଗୃହ ନିର୍ମାଣ କରାଯାଇଛି। ୨୧ ଜୁଲାଇ ୨୦୨୧ରେ କାମ ଶେଷ ହୋଇଥିବା ବେଳେ ଏହା ଏନ୍‌ଏସି ଦାୟିତ୍ୱରେ ରହିଛି। ଏଠାରେ ପାଠାଗାର ସାଙ୍ଗକୁ ବ୍ୟାୟାମ ସରଞ୍ଜାମ ମଧ୍ୟ ଉପଲବ୍ଧ ରହିଛି। ଉଦ୍‌ଘାଟନ ଅପେକ୍ଷାରେ ଥିବା ଲାଇବ୍ରେରି ବର୍ତ୍ତମାନ ବୁଲା ଗୋରୁ ଓ ଛେଳିଙ୍କ ବିଶ୍ରାମସ୍ଥଳୀ ପାଲଟିଛି। ଏନେଇ ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ କହିଛନ୍ତି, କାର୍ଯ୍ୟ ବ୍ୟସ୍ତତା ହେତୁ ଏହା ଉଦ୍‌ଘାଟିତ ହୋଇପାରୁନାହିଁ । ଖୁବ୍ ଶୀଘ୍ର ଏନ୍‌ଏସିବାସୀଙ୍କ ନିମନ୍ତେ ଉତ୍ସର୍ଗ କରାଯିବ।

# ଦୋକାନ ଗୃହ ବଣ୍ଟନରେ ଅନିୟମିତତା

**କାମ ବନ୍ଦ କଲେ ହିତାଧିକାରୀ**

ଉଦଳା,୧୧।୬(ଡି.ଏନ.ଏ.)

ଉଦଳା ଏନ୍‌ଏସି ପକ୍ଷରୁ ଦୋକାନ ଗୃହ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦେଇ ଧନୀକ ଶ୍ରେଣୀର ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା କେତେଜଣ ଦୋକାନୀ ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ବିବାଦ ସୃଷ୍ଟି ହେବାରୁ ରବିବାର ଦୋକାନ ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି ହିତାଧିକାରୀ। ଉଦଳା ବସ୍‌ଷ୍ଟାଣ୍ଡ ନିକଟରୁ ପୂର୍ବରୁ ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ଘର ଉଚ୍ଛେଦ କରାଯାଇ ସେମାନଙ୍କ ନିମନ୍ତେ ଭେଣ୍ଡିଂଜୋନ ତିଆରି କରି ପ୍ରଦାନ କରାଯିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଥିଲା । ଏନ୍‌ଏସି ପକ୍ଷରୁ ୩୭ଜଣ ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ସେମାନଙ୍କ ନିମନ୍ତେ ଭେଣ୍ଡିଂ ଜୋନ ନିର୍ମାଣ ଚାଲିଛି। ହେଲେ ସେଠାରେ ପୂର୍ବରୁ ଦୋକାନ କରିଥିବା ଅନେକ ହିତାଧିକାରୀ ଦୋକାନ ଗୃହ ପାଇବାରୁ ବଞ୍ଚିତ ହୋଇ ବାରମ୍ବାର ଏନ୍‌ଏସି ଅଫିସ୍ ଦୌଡ଼ିଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁନାହାନ୍ତି। ରବିବାର ଦୋକାନୀମାନେ ଚାଲିଥିବା ଭେଣ୍ଡିଂ ଜୋନର କାମକୁ ବନ୍ଦ କରିବା ସହିତ ଦୋକାନ ଗୃହ ବଣ୍ଟନ ପ୍ରକ୍ରିୟାରେ ଟାଳଟୁଳ ନୀତିକୁ ବିରୋଧ କରିଛନ୍ତି। ଏନେଇ ନଗରପାଳ ପ୍ରମିଳା ପଣ୍ଡାଙ୍କୁ ପଚାରିବାରୁ ଯେଉଁ ଦୋକାନୀମାନେ ପୂର୍ବରୁ ସେଠାରେ ଦୋକାନ କରିଥିଲେ ସେମାନଙ୍କୁ ଦୋକାନ ଗୃହ ପ୍ରଦାନ କରାଯାଉଛି ଏବଂ ଏଥିରେ କୌଣସି ଅନିୟମିତତା ହୋଇନାହିଁ ବୋଲି ସେ କହିଛନ୍ତି।


ଗୃହ ବଣ୍ଟନ ପ୍ରକ୍ରିୟାରେ ଟାଳଟୁଳ ନୀତିକୁ ବିରୋଧ କରୁଥିବା ହିତାଧିକାରୀ।

# ୯ଦିନ ହେଲା ରେଳ ଫାଟକ ସିଲ୍

ବାହାନଗା, ୧୧।୬(ଡି.ଏନ.ଏ.)

**ବାହାନଗା-ଗୋପାଳପୁର ରାସ୍ତାରେ ଯାତାୟାତ ଠପ୍**

ବାହାନଗା ରେଳ ଦୁର୍ଘଟଣା ଘଟଣାକୁ ୯ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଷ୍ଟେଶନ ବନ୍ଦ ରହିଛି। ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ୍ୟ ବାହାନଗା ଷ୍ଟେଶନରେ କୌଣସି ଟ୍ରେନ ଅଟକୁ ନାହିଁ । ତେବେ ଷ୍ଟେଶନକୁ ସିଲ୍ କରାଯାଇଥିବା ବେଳେ ସାଧାରଣ ଲୋକ କିମ୍ବା ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଷ୍ଟେଶନକୁ ଛଡାଯାଉନାହିଁ। ଅନ୍ୟପଟେ ବାହାନଗା-ଗୋପାଳପୁର ମୁଖ୍ୟ ରାସ୍ତାରେ ଥିବା ରେଳ ଫାଟକକୁ ସିଲ୍ କରି ଦିଆଯାଇଛି। ଫଳରେ ଏହି ରାସ୍ତା ଦେଇ ଲୋକ କିମ୍ବା ଯାନବାହନ ଯାତାୟାତ କରିପାରୁନାହିଁ। ରେଳ ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ମୁଖ୍ୟରାସ୍ତା ଦେଇ ବ୍ଲକକୁ ଯିବା ପାଇଁ ୧୩ ପଞ୍ଚାୟତବାସୀ ନିର୍ଭରଶୀଳ ହୋଇଥିବା ବେଳେ ସେମାନଙ୍କୁ ଏବେ ୨୦ କି.ମି. ଅଧିକ ଯିବାକୁ ପଡୁଛି । ତେବେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାମ ତଦାରଖ କରିବା ପାଇଁ କୌଣସି ସରକାରୀ ଅଫିସର କିମ୍ବା କନିଷ୍ଠଯନ୍ତ୍ରୀ ଆସୁନାହାନ୍ତି । ଟ୍ରେନଲାଇନ୍ ମରାମତି ନାଁରେ ଲୋକଙ୍କୁ ହଇରାଣ କରାଯାଉଛି। ଦୁର୍ଘଟଣାର ୩ ଦିନ ପରେ ଯୁଦ୍ଧକାଳୀନ ଭିତ୍ତିରେ ଦୁଇଟି ରେଳଲାଇନ ମରାମତି କରାଯାଇଥିବା ବେଳେ ଅବଶିଷ୍ଟ ରେଳଲାଇନ ମରାମତି ହୋଇପାରି ନ ଥିବା କହି ମୁଖ୍ୟ ରାସ୍ତାକୁ ଅବରୋଧ କରି ରଖିବା ପରିତାପର ବିଷୟ। ସେହିପରି ସମସ୍ତ ଏକ୍ସପ୍ରେସ ଟ୍ରେନ୍ ଚାଲୁଥିବା ବେଳେ ଖଡଗପୁର- ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର, ଜଳେଶ୍ୱର-ପୁରୀ ସୁପରଫାଷ୍ଟ ପାସେଞ୍ଜର, ବାଲେଶ୍ୱର-ଭୁବନେଶ୍ୱର ମେମୋ, ଯାଜପୁର-ସାନ୍ତରାଗାଛି ପାସେଞ୍ଜର ଆଦି ଟ୍ରେନ୍ ଏହି ଷ୍ଟେଶନରେ ଅଟକିଥାଏ। ଭଦ୍ରକ- ଖଡଗପୁର ପାସେଞ୍ଜର ଟ୍ରେନ୍ ସବୁ ଚାଲୁ ନ ଥିବା ନେଇ ଅସନ୍ତୋଷ ଦେଖାଦେଲାଣି। ଦୀର୍ଘ ୯ ଦିନ ଧରି ବାହାନଗା ରେଳ ଷ୍ଟେଶନର ମୁଖ୍ୟ ଫାଟକଠାରୁ ଷ୍ଟେଶନ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ପୋଲିସ ଦ୍ୱାରା ସିଲ୍ କରି ରଖିବା ଜନସାଧାରଣ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ଷ୍ଟେଶନ ଅଧିକାରୀ ଏସ୍.କେ. ପଟ୍ଟନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ।



## ସଂକ୍ଷେପରେ

### ଘର ଭାଙ୍ଗି ଧାନ, ଚାଉଳ ଖାଇଗଲେ
ମୋରଡ଼ାରେ ହାତୀ ଉପଦ୍ରବ



ମୋରଡ଼ା,୧୧।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଥମୁନାହିଁ। ଶନିବାର ବିଳମ୍ବିତ ରାତିରେ ଏହି ବ୍ଲକ ଅଧୀନ କୋହି ପଞ୍ଚାୟତରେ ହାତୀ ପଲ ଏକାଧିକ ଘର ଭାଙ୍ଗିଛନ୍ତି। ଉକ୍ତ ପଞ୍ଚାୟତର ସୋନପୁରିଆ ଗ୍ରାମର କାହ୍ନୁଚରଣ ମାରାଣ୍ଡି ତାଙ୍କ ସ୍ତ୍ରୀ ମତି ମାରାଣ୍ଡିଙ୍କ ସହ ଘରେ ଶୋଇଥିବା ବେଳେ ୭ ଟିକିଆ ହାତୀପଲ ତାଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇ ନଷ୍ଟ କରିବା ସହିତ ଏକ ବଳଦକୁ କଚାଡି ମାରି ଦେଇଥିଲେ। ସେହିପରି ଉକ୍ତ ଗ୍ରାମର ବାଜୁନ ମାରାଣ୍ଡିଙ୍କ ଘର ମଧ ହାତୀ ପଲ ଭାଙ୍ଗି ଘରେ ଥିବା ଆସବାବପତ୍ର ମଧ ନଷ୍ଟ କରିଛନ୍ତି। ବଡ଼ଫେରା ଗ୍ରାମର ସାନ ଫୁଲରାୟ ମୁର୍ମୁ ଏବଂ ଅନନ୍ତ ହେମ୍ବ୍ରମଙ୍କର ମଧ ଧାନ, ଚାଉଳ ଖାଇ ନଷ୍ଟ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ଡାହାଣୀ ସନ୍ଦେହରେ ଖୁଡ଼ୀଙ୍କୁ ମାଡ଼, ପୁତୁରା ଗିରଫ

ଗୋପବନ୍ଧୁ ନଗର, (ଡି.ଏନ.ଏ.)- ଖୁଣ୍ଟା ଥାନା ଡୁକୁରା ଫାଣ୍ଡି ଅନ୍ତର୍ଗତ ଶାଳବଣୀ ଗ୍ରାମରେ ଡାହାଣୀ ସନ୍ଦେହରେ ଖୁଡ଼ିଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ପୁତୁରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଗୋରାଚାନ୍ଦ ମାରାଣ୍ଡି। ଏନେଇ ପୋଲିସ ଏକ ମାମଲା(ନଂ.୧୬୯/୨୩) ରୁଜୁ କରି ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### 'ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ' ଜନଭାଗୀଦାରି କାର୍ଯ୍ୟକ୍ରମ

ବନ୍ତ,୧୧।୬(ଡି.ଏନ୍.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ହରିହର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ 'ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ' ଶୀର୍ଷକ ଜନଭାଗୀଦାରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଗନା ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ରଜନୀ ସେଠୀ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ହୃଷିକେଶ ବାରିକ ଓ ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସିଆରସିସି କୂଳପ୍ରଭା ସୂଆର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ବଟକୃଷ୍ଣ ସେଠୀ, ସହକାରୀ ଶିକ୍ଷକ ନିରାକର ଜେନା, ରତିକାନ୍ତ ନାୟକ, ସୁରେନ୍ଦ୍ର କୁମାର ପଣ୍ଡା, ଶେଷଦେବ ଜେନା, ଶିକ୍ଷୟିତ୍ରୀ ରାଧାରାଣୀ ପଣ୍ଡା, ଏସ୍ଏମ୍‌ସି ସଭାପତି କହ୍ନେଇ ସାହୁଙ୍କ ସମେତ ସମସ୍ତ ସଭ୍ୟାସଭ୍ୟା ଉପସ୍ଥିତ ଥିଲେ।

### ୧୪ ଓଡ଼ିଶା ବାଟାଲିୟନରେ ବାଧା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର,୧୧।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୧୪ ଓଡ଼ିଶା ବାଟାଲିୟନରେ ବୁଧବାର ନୂତନ ଭାବେ ନିର୍ମିତ ବାଧା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସମାରୋହରେ ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଏମ.ଚନ୍ଦ୍ରଶେଖର ରାଓଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଡେପୁଟି ଡାଇରେକ୍ଟର ଜେନେରାଲ ଓଡ଼ିଶା ଡାଇରେକ୍ଟୋରେଟ ଜେ ସୁରେଶ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମ୍ବଲପୁର ଗ୍ରୁପ କମାଣ୍ଡର କର୍ଣ୍ଣେଲ ଅମିତାଭ ରାୟ(ସେନା ମେଡାଲ), ଭଦ୍ରକ ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଶୈଳେଶ ଶର୍ମା, ପୁରୀ ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ପି କେ ପଣ୍ଡା, ଅତିରିକ୍ତ ପ୍ରଶାସନିକ ଅଧିକାରୀ ଏନ.ସି.ସି. ଓଡ଼ିଶା ଡାଇରେକ୍ଟୋରେଟ କର୍ଣ୍ଣେଲ ସଂକେତ ଦେ ଏବଂ ଡି.ଡି.କଲେଜର ଭାରପ୍ରାପ୍ତ ଅଧକ୍ଷ ନରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବାଲି ବଦଳରେ ପାହାଡ଼ ମାଟିରେ ଚାଲିଛି କାମ

**ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ**

ଖଇରା, ୧୧।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତାଳମହୁରୀଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ବୋରିଂ କାର୍ଯ୍ୟ ସରିବା ପରେ ଏବେ ଗାତ ଫିଲିଂ ପାଇଁ ବାଲି ବଦଳରେ ପାହାଡ ମାଟି ଫିଲିଂ କରାଯିବାରେ ଘରର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଉକ୍ତ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି ।

ଉକ୍ତ ଛାତ୍ରୀନିବାସ ଗୃହ ପାଇଁ ପୂର୍ତ୍ତ ବିଭାଗ ତରଫରୁ ପାଖାପାଖି ୩ କୋଟି ୩୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ମେ' ୩ ତାରିଖରେ ଏହାର ଶିଳାନ୍ୟାସ କରାଯାଇଥିଲା। ଏବେ ଫାଉଣ୍ଡେଶନ କାମ ଶେଷ ହୋଇଥିବା ବେଳେ ଖୋଳାଯାଇଥିବା ପାଖାପାଖି ୭ଫୁଟର ଗାତ ଭର୍ତ୍ତି ପାଇଁ ଠିକାଦାର ପାହାଡ ମାଟି ବ୍ୟବହାର କରୁଛନ୍ତି । ଫଳରେ ଅଳ୍ପ ଦିନ ମଧ୍ୟରେ ଘର ତଳି ଫାଟିବାର ଆଶଙ୍କା ଦେଖାଦେଇଛି । ଏଷ୍ଟିମେଟରେ ଗାତଗୁଡିକ ବାଲି ଫିଲିଂ କରିବାର ନିୟମ ଥିବା ବେଳେ କାହା ନିର୍ଦ୍ଦେଶରେ ଏଭଳି ବେପରୁଆ କାର୍ଯ୍ୟ କରାଯାଉଛି ତାହା ସାଧାରଣ ଲୋକଙ୍କୁ ବିସ୍ମିତ କରିଛି । ସେହିଭଳି ୯ମାସ ମଧ୍ୟରେ କାମ ସାରିବାର ନିୟମ ଥିବା ବେଳେ ୪ ମାସ ଅତିକ୍ରମ କରିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ୨୫ପ୍ରତିଶତ କାମ ସରିନାହିଁ । ଏଣୁ ନିର୍ଦ୍ଧାରିତ ସମୟରେ କାମ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ଏଷ୍ଟିମେଟରେ ମାତ୍ର ୨ ଫୁଟ ବାଲି ଫିଲିଂ ଥିବାରୁ ପାହାଡ ମାଟି ବ୍ୟବହାର କରାଯାଉଥିବା କହିଛନ୍ତି।



ଫାଉଣ୍ଡେଶନ କାମରେ ବ୍ୟବହାର ହେଉଥିବା ପାହାଡ ମାଟି।

# ଶୋକାକୁଳ ପରିବେଶରେ ଦଶାହ କ୍ରିୟାକର୍ମ



ଭଙ୍ଗାକୁଡ଼ିଆ ସମ୍ମୁଖରେ ବ୍ରହ୍ମାକାନ୍ତଙ୍କ ପରିବାର ଲୋକେ।

**ବାହାନଗା ରେଳ ଦୁର୍ଘଟଣା**

ମୋରଡ଼ା,୧୧।୬(ଡି.ଏନ.ଏ.)

ବାହାନଗା ରେଳ ଦୁର୍ଘଟଣାକୁ ୧୦ ଦିନ ପୂରିଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ପୁରୁକିଶୋଳ ଗ୍ରାମର ୨ ଯୁବକଙ୍କ ରବିବାର ଦଶାହ କ୍ରିୟାକର୍ମ ହୋଇଛି। ଏନେଇ ଗାଁରେ ଶୋକାକୁଳ ପରିବେଶ ଲାଗି ରହିଛି। କରମଣ୍ଡଳ ଟ୍ରେନରେ ମୋରଡ଼ା ବ୍ଲକ ଅଞ୍ଚଳର ୪ ଯୁବକ କୀର୍ତ୍ତନ ସି, ଭରତ ଦାସ, ବ୍ରହ୍ମାକାନ୍ତ ଦାସ ଓ ସତ୍ୟନାଥ ପାଟବନ୍ଧା ଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଗାଁରେ ପହଞ୍ଚି ଥିବା ବେଳେ ବ୍ରହ୍ମାକାନ୍ତଙ୍କ ମୃତଦେହ ଚିହ୍ନଟ ପାଇଁ ଡିଏନ୍ଏ ଟେଷ୍ଟ ରିପୋର୍ଟକୁ ଅପେକ୍ଷା କରିବାକୁ ପଡ଼ିଛି। ଫଳରେ ତାଙ୍କ ମୃତଦେହ ଘରକୁ ଆସିପାରିନାହିଁ। କୀର୍ତ୍ତନ ଏବଂ ସତ୍ୟନାଥଙ୍କ ଦଶାହ କ୍ରିୟା ରବିବାର ହୋଇଥିବା ବେଳେ ଭରତ ଏବଂ ବ୍ରହ୍ମାକାନ୍ତଙ୍କ ଦଶାହକ୍ରିୟା ହୋଇପାରିନାହିଁ। ବ୍ରହ୍ମାକାନ୍ତଙ୍କ ମୃତଦେହ ଘରେ ପହଞ୍ଚି ନ ଥିବାରୁ ତାଙ୍କ ଦାଦା ପୁଅ ସାନଭାଇ ଭରତଙ୍କର ମଧ କ୍ରିୟାକର୍ମ ହୋଇପାରିନାହିଁ। ପନ୍ଦର ଦିନ କ୍ରିୟାକର୍ମ ହେବ ବୋଲି ପରିବାର ଲୋକେ କହିଛନ୍ତି।

ଅକ୍ଷୟ ସିଙ୍କର ୩ ପୁଅ ମଧ୍ୟରୁ କୀର୍ତ୍ତନ ଥିଲେ ମଝିଆ। ସେ ସମସ୍ତଙ୍କର ପ୍ରିୟ ଥିଲେ। ସେ ଚାଲିଯିବା ପରେ କାନ୍ଧରୁ ଗୋଟିଏ ହାତ ଖସି ଯାଇଛି ବୋଲି କୋହଭରା କଣ୍ଠରେ କହିଛନ୍ତି ଅକ୍ଷୟ। କୀର୍ତ୍ତନଙ୍କର ଗୋଟିଏ ୯ବର୍ଷର ଝିଅ ଏବଂ ଦେଢ଼ ବର୍ଷର ପୁଅ ଥିବା ବେଳେ ପାଠପଢା ସହାୟତା ପାଇଁ ସରକାରଙ୍କୁ ଗୁହାରୀ କରିଛନ୍ତି ବାପା ଅକ୍ଷୟ। ସେହିପରି ଭରତ ହେଉଛନ୍ତି ସ୍ୱର୍ଗତ ଭାଗୀରଥି ଦାସଙ୍କ ଏକମାତ୍ର ରୋଜଗାରିଆ ପୁଅ। ତାଙ୍କର ୫ବର୍ଷର ଝିଅ ଏବଂ ୯ମାସର ପୁଅକୁ କିପରି ଲାଳନପାଳନ କରି ବଡ଼ କରିବେ କହିଛନ୍ତି ସ୍ତ୍ରୀ ସଂଗୀତା ଦାସ । ତେଣୁ ସେ ପିଲାଙ୍କ ପାଠପଢା ସହାୟତା ପାଇଁ ଗୁହାରୀ କରିଛନ୍ତି ।

ବ୍ରହ୍ମାକାନ୍ତଙ୍କ ମୃତଦେହ ଚିହ୍ନଟ ପାଇଁ ଡିଏନ୍ଏ ଟେଷ୍ଟ ରିପୋର୍ଟକୁ ଅପେକ୍ଷା କରାଯାଇଥିବାରୁ ଅଦ୍ୟାବଧି ତାଙ୍କ ପରିବାରକୁ ଆର୍ଥିକ ସହାୟତା ମିଳିପାରିନାହିଁ ବୋଲି କହିଛନ୍ତି ତାଙ୍କ ସ୍ତ୍ରୀ ମିନା ଦାସ। ଜଣଙ୍କ ରୋଜଗାରରେ ଘର ଚଳୁଥିବା ବେଳେ ବ୍ରହ୍ମାକାନ୍ତଙ୍କ ମୃତ୍ୟୁ ପରେ ସ୍ତ୍ରୀ, ଦୁଇ ପୁଅ ଏବେ ଅସହାୟ ପାଲଟିଯାଇଛନ୍ତି। ଦୁଇ ପୁଅଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଛନ୍ତି ସ୍ତ୍ରୀ ମିନା ଦାସ। ସେହିପରି ମୃତ ସତ୍ୟନାଥଙ୍କର ଶୋକାକୁଳ ପରିବେଶରେ ଦଶାହ କ୍ରିୟାକର୍ମ ସରିଛି। ସାନ ଭାଇ ମୃତ୍ୟୁ ପରେ ଦୁଃଖରେ ଭାଙ୍ଗି ପଡିଛନ୍ତି ବଡ଼ଭାଇ ସତ୍ୟନାରାୟଣ ଏବଂ ବୃଦ୍ଧ ବାପା ତାରାକାନ୍ତ ଓ ମା' ଫୁଲନା ପାଟବନ୍ଧା। ଅନ୍ୟପକ୍ଷରେ କୀର୍ତ୍ତନ ସିଙ୍କ ପରିବାରକୁ ଛାଡ଼ି ଦେଲେ ଅନ୍ୟ ୩ଜଣଙ୍କ ପରିବାର ଲୋକେ ଚାଳ ଛପର ଘରେ ରହୁଛନ୍ତି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ଉକ୍ତ ୩ ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଚାରା ନଷ୍ଟ କରି ରାସ୍ତା ନିର୍ମାଣ

**କେନ୍ଦୁଝରଗଡ଼ ପୌରପାଳିକା**



ଚାରା ନଷ୍ଟ କରାଯାଇ ମାଟି ରାସ୍ତା ନିର୍ମାଣ ହୋଇଛି।

କେନ୍ଦୁଝର,୧୧।୬ (ସ୍ୱ.ପ୍ର.)

କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୧୫ ନଂ. ୱାର୍ଡ ୪୯ ନଂ. ଜାତୀୟ ରାଜପଥ ମୋଚିଗାଁ ଓଭରବ୍ରିଜ ନିକଟରେ ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା ବନୀକରଣ ନଷ୍ଟ କରି ରାସ୍ତା ନିର୍ମାଣ ଚାଲିଛି। ଜିଲା ମୁଖ୍ୟାଳୟଠାରୁ ମାତ୍ର ୨ କି.ମି. ଦୂରରେ ଲକ୍ଷାଧିକ ଟଙ୍କାର ଚାରା ନଷ୍ଟ ହେଉଥିଲେ ବି ବିଭାଗ ନିକଟରେ ଏହାର ସୂଚନା ନାହିଁ। କାରଖାନା ବର୍ଜ୍ୟବସ୍ତୁ କଳାଗୁଣ୍ଡ ଓ ମାଟି ପକାଇ ରାସ୍ତା ନିର୍ମାଣ ଚାଲିଛି। ଫଳରେ ମାଟି ଓ କଳାଗୁଣ୍ଡ ପଡ଼ି ଗଛ ନଷ୍ଟ ହେଉଛି।

ସୂଚନାଯୋଗ୍ୟ, ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ୨୦୨୧-୨୨ରେ ଜାତୀୟ ରାଜପଥ ପାର୍ଶ୍ୱ ଧ୍ରୁପଦା, ବାଲିଆଗୋଡ଼ା ଓ ମେଡିକାଲ କଲେଜ ରାସ୍ତାର ଉଭୟ ପାର୍ଶ୍ୱରେ ୧୪ ହଜାର ୩୮ ଗଛ ଲଗାଯାଇଛି। ତେବେ ତଦାରଖ ଅଭାବରୁ ଅନେକ ଗଛ ମରିଯାଇଥିବାବେଳେ ଏବେ ବେଆଇନ ଭାବେ ରାସ୍ତା ନିର୍ମାଣରେ ବାକି ଚାରା ନଷ୍ଟ ହୋଇଗଲାଣି। ରେରା ଆଇନ ଉଲ୍ଲଂଘନ କରି କିଛି ଲୋକ ଜମି ପ୍ଲଟିଂ କରି ବିକ୍ରି ପାଇଁ ରାସ୍ତା କରୁଛନ୍ତି। ଏଥିପାଇଁ ପୌରପାଳିକା ଅନୁମତି ଦେଇଛି କି ନାହିଁ ତାହାର ଯାଞ୍ଚ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ଓଏଫ୍‌ଡିସି (ଓଡ଼ିଶା ବନ ଉନ୍ନୟନ ନିଗମ) ଡିଭିଜନାଲ ମ୍ୟାନେଜର ମନୋରଞ୍ଜନ ପାତ୍ର କହିଛନ୍ତି, ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ। ଓଏଫ୍‌ଡିସି ଡେପୁଟି ଡିଭିଜନାଲ ମ୍ୟାନେଜର ଶିନି ମହାନ୍ତି କହିଛନ୍ତି, ବନୀକରଣ ନଷ୍ଟ କରିଥିବା ଲୋକଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ।

### କାର୍‌କୁ ଧକ୍କା ଦେଲା ବସ୍: ୮ ଆହତ, ୪ ଗୁରୁତର

ବାସୁଦେବପୁର, ୧୧।୬(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ବିଦେଇପୁର ଛକଠାରେ ରବିବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ କାର୍‌କୁ ଧକ୍କା ଦେବାରୁ ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ବାଳକ ଓ ବାଳିକା ଥିବାବେଳେ ଅନ୍ୟ ୪ଜଣ ସେମାନଙ୍କ ପରିବାର, ସମ୍ପର୍କୀୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏମାନେ କଷିଆ ମୁହାଣ ଅଞ୍ଚଳରୁ କାର୍‌ରେ ଡିପିହୋରା ଗାଁକୁ ଯାଉଥିବା ବେଳେ ବିଦେଇପୁର ଛକଠାରେ ବସ୍ ଧକ୍କା ଦେଇଥିଲା। ଆହତମାନେ ହେଲେ କାର୍‌ରେ ଥିବା ବାଲିମୁଣ୍ଡା ପଞ୍ଚାୟତ ଡିପିହୋରା ଗ୍ରାମର ବଂଶୀଧର ଗିରି(୯), ଶୁଭଙ୍କର ମାନା(୫), ତିରୁପତି ମାନା(୮), ଅଙ୍କିତା ପ୍ରିୟଦର୍ଶିନୀ ଗିରି(୬), ରଶ୍ମିତା ସେଠୀ, ସନାତନ ବେହେରା, ଲକ୍ଷ୍ମୀରାଣୀ ବେହେରା ଓ ସରସ୍ୱତୀ ଗିରି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଗୁରୁତର ବଂଶୀଧର, ଶୁଭଙ୍କର, ରଶ୍ମିତା ଓ ସନାତନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପୋତିଦେଲେ ନାଳ, ସମସ୍ୟା ଭୋଗିବେ ଚାଷୀ

ବନ୍ତ,୧୧।୬(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଆଡ଼ିଆ ପଞ୍ଚାୟତ କୁଆଁର୍ଦା ଗ୍ରାମରେ ପାଣି ନାଳକୁ ପୋତି ଦିଆଯାଇଥିବାରୁ ଚାଷୀମାନେ ସମସ୍ୟା ଭୋଗିବେ ବୋଲି ଅଭିଯୋଗ କରିଛନ୍ତି। ନାଳର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ତହସିଲଦାର, ବିଡିଓ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଓ ଆଗରପଡ଼ା ଥାନାଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

ପ୍ରକାଶ ଯେ, ଏହି ଗ୍ରାମରେ ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ ଆୟୋଗ ଯୋଜନାରେ ୧ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ନରସିଂ ସାଗର ପୋଖରୀ ଜେସିବି ମେଶିନ ସାହାଯ୍ୟରେ ଖୋଳାଯାଇ ରାସ୍ତାପାର୍ଶ୍ୱରେ ଥିବା ନୟନଜୋରୀ (ପାଣିନାଳ)କୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ନାଳ ପୋତିବା ସମୟରେ ସେମାନେ ବିରୋଧ କରିଥିଲେ ମଧ କେହି ଶୁଣି ନ ଥିଲେ। ଏହି ପାଣି ନାଳକୁ କାହା ଅନୁମତିରେ ପୋତାଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଆଗକୁ ଚାଷ ସମୟ ଆସୁଥିବାରୁ ଜଳ ନିଷ୍କାସନ ପାଇଁ ଉକ୍ତ ନାଳକୁ ପୁନରୁଦ୍ଧାର କରା ନ ଗଲେ ଚାଷଜମି ବନ୍ୟା ପ୍ଲାବିତ ହେବ ବୋଲି ବାବାଜୀ ଚରଣ ଆଇଚ, ରାଧାକୃଷ୍ଣ ଆଇଚ, ଦୁଃଶାସନ ରାଉତ, ନାରାୟଣ ଭୂୟାଁ, ନରେନ୍ଦ୍ର ମୁଖୀ, ଗଜେନ୍ଦ୍ର ମୁଖୀ, ଉମାକାନ୍ତ ମୁଦୁଲି, ରମାକାନ୍ତ ରାଉତ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି।



କୁଆଁର୍ଦା ଗ୍ରାମରେ ଜେସିବିରେ ପୋଖରୀ କାମ ବେଳେ ନାଳକୁ ପୋତାଯାଉଛି।

# ଡିଜେବଜା ଉପରେ ଉପଜିଲାପାଳଙ୍କ କଟକଣା

**ମାଇକ୍ ଯୋଗେ ପ୍ରଚାର କଲା ପୌରପାଳିକା**

ଜଳେଶ୍ୱର, ୧୧।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନ ଏପରିକି ଜଳେଶ୍ୱର ସହରରେ ଡିଜେ ଶବ୍ଦରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡୁଥିଲେ। ଏନେଇ ସ୍ଥାନୀୟ ଓ ଜିଲାସ୍ତରୀୟ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ ହୋଇଥିଲା। ବିଶେଷ କରି ରାତି ୧୦ଟା ପରେ ବାହାଘର ଶୋଭାଯାତ୍ରାରେ ଡିଜେ ଶବ୍ଦ ପାଇଁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ବାଲେଶ୍ୱର ଉପଜିଲାପାଳ ତାଙ୍କ ନିର୍ଦ୍ଦେଶ ନଂ. ୧୯୭ ତା ୧୫।୫।୨୩ ଅନୁଯାୟୀ ଜିଲାର ସମସ୍ତ ଥାନା ଅଧିକାରୀ, ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀ ଓ ତହସିଲଦାରମାନଙ୍କୁ ଚିଠି ଯୋଗେ ଡିଜେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ଜଳେଶ୍ୱର ପୌରପାଳିକା ପକ୍ଷରୁ ମାଇକ୍ ଯୋଗେ ଡିଜେ ବ୍ୟବହାର ନ କରିବାକୁ ଜନସାଧାରଣଙ୍କୁ କୁହାଯାଇଛି।

# ୧୧ ବ୍ଲାକ୍‌ବେଲ୍ଟଧାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୧୧।୬(ଡି.ଏନ୍.ଏ.)

କଟକର ବାରବାଟୀ ଷ୍ଟାଡ଼ିୟମ କ୍ଲବ୍ ହାଉସଠାରେ ଶନିବାର ଓଡ଼ିଶା ଟାଏକୋଣ୍ଡୋ ଆସୋସିଏସନ ଓ ଟ୍ରେନିଂ ସେଣ୍ଟର ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝରର ୧୧ ଜଣ ବ୍ଲାକବେଲ୍ଟଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଗ୍ରାଣ୍ଡମାଷ୍ଟର ତଥା ଆସୋସିଏସନର ସମ୍ପାଦକ ଗୋପାଳ ଚନ୍ଦ୍ର ରାୟ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ୱାଲର୍ଡ ଟାଏକୋଣ୍ଡୋ ହେଡ୍‌କ୍ୱାର୍ଟର୍ସ କୁକି ୱାନ (ସାଉଥ କୋରିଆ) ଦ୍ୱାରା ଦିଆଯାଇଥିବା ବ୍ଲାକ୍‌ବେଲ୍ଟ ସାର୍ଟିଫିକେଟ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ କେନ୍ଦୁଝର ଆମେଚର ଟାଏକୋଣ୍ଡୋ ଆସୋସିଏସନର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଓ ବ୍ଲାକବେଲ୍ଟ ଦିଗବିଜୟ ବେହେରା ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ କେନ୍ଦୁଝର ଷ୍ଟାଡ଼ିୟମଠାରେ ରବିବାର ସମସ୍ତ କୃତୀ କ୍ରୀଡ଼ାବିତ୍‌ଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆମେଚର ଟାଏକୋଣ୍ଡୋ ଆସୋସିଏସନର ସଭାପତି ପ୍ରଦୀପ ମହାନ୍ତିଙ୍କ ସମେତ ଅନୁଷ୍ଠାନର ସିନିୟର ବ୍ଲାକବେଲ୍ଟ ପ୍ରଶିକ୍ଷକ ଟଙ୍କଧର ନାଏକ, ଏମ୍‌ଡି ସକିଲ, ମନୋଜ ପାତ୍ର, ଅମିତ ହାଁସଦା, ସ୍ମୃତିଲହ୍ମା ନାୟକ, ସ୍ଥିତିପ୍ରଜ୍ଞା ଗିରି ପ୍ରମୁଖ ଉପସ୍ଥିତ ଥିଲେ।




୧୧ ବ୍ଲାକ୍‌ବେଲ୍ଟଧାରୀଙ୍କ ସହ ପ୍ରଶିକ୍ଷକ।

# ରାଷ୍ଟ୍ର ଗଠନରେ ସଂସ୍କୃତ ଭାଷାର ଅବଦାନ ଅତୁଳନୀୟ

**ରାଷ୍ଟ୍ରୀୟ ସଂସ୍କୃତ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ବାଲେଶ୍ୱର ଅଫିସ, ୧୧।୬

ବାଲେଶ୍ୱର ସହର ଭୋଇସାହିସ୍ଥିତ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ଚାଲିଥିବା ୧୦ଦିନିଆ ରାଷ୍ଟ୍ରୀୟ ସଂସ୍କୃତ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ତଥା ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ରାଷ୍ଟ୍ର ଗଠନରେ ସଂସ୍କୃତ ଭାଷାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ସଂସ୍କୃତ ଭାଷାର ସଂରକ୍ଷଣ ସହିତ ପ୍ରଚାର ପ୍ରସାର ନିମନ୍ତେ ପ୍ରଶିକ୍ଷଣ ନେଉଥିବା ଶିକ୍ଷୟତ୍ରୀଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ ଦେବଭାଷା ସଂସ୍କୃତକୁ ପ୍ରତ୍ୟେକ ଭାରତୀୟଙ୍କ ମାତୃଭାଷା ଭାବେ ଅଭିହିତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ କବି ପ୍ରଶାନ୍ତ ଦାସ ଓ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଡକ୍ଟର କୁମାର ଚନ୍ଦ୍ର ମିଶ୍ର ପୌରୋହିତ୍ୟ କରିବା ସହିତ ସଂସ୍କୃତ ଭାଷାକୁ ସର୍ବବ୍ୟାପୀ କରିବା ଦିଗରେ ଅନୁଷ୍ଠାନ ପକ୍ଷରୁ ଜାରି ରହିଥିବା ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ନାରାୟଣ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପଣ୍ଡିତ ପର୍ଶୁରାମ ପଣ୍ଡା ବେଦପାଠ କରିଥିଲେ। ଶେଷରେ ଦୁଲାଲ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଶିବିରାର୍ଥୀ ଓ ସ୍କୁଲ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଶିକ୍ଷଣ ଶିବିରରେ ବିଶ୍ୱଭାରତୀ ଶାନ୍ତିନିକେତନ, ଅହମ୍ମଦାବାଦ ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆଦି ଦେଶର ୬ଟି ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନରୁ ୧୦୫ଜଣ ଶିକ୍ଷକ ଅଂଶଗ୍ରହଣ ପୂର୍ବକ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ମହାସଚିବ ଜୟପ୍ରକାଶ ଶାସ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପଣ୍ଡିତ ତପନ କୁମାର ପଣ୍ଡା, ତେଜରାଜ ପ୍ରଧାନ, ଦୁର୍ଗାଶଙ୍କର ପଣ୍ଡା, ଡ. ନାରାୟଣ ସାମାଇ, ପ୍ରସାଦରଞ୍ଜନ ମେହେର, କଳ୍ପନା ନାୟକ, ହରିପ୍ରିୟା ବେହେରା, ରକ୍ଷିତ ପାତ୍ର, ନାରାୟଣ ପଣ୍ଡା, ନଳୀନାକ୍ଷ ପଣ୍ଡା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।




ପ୍ରଶିକ୍ଷଣ ଶିବିରରେ ଅତିଥିଗଣ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୨ ଜୁନ, ୨୦୨୩

## ୬ ଫୁଟ ଲମ୍ବର ଅଜଗର ଉଦ୍ଧାର

ନୀଳଗିରି,(ସ୍ୱ.ପ୍ର.)-ନୀଳଗିରି ଥାନା ଅଧୀନ ଶ୍ୟାମାସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମର ଉମାକାନ୍ତ ଦାସଙ୍କ ଘରବାଡିରୁ ଏକ ୬ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ରବିବାର ପୂର୍ବାହ୍ନରେ ଉମାକାନ୍ତଙ୍କ ଘରବାଡି ଚାରି ପାଖରେ ଲଗାଯାଇଥିବା ପ୍ଲାଷ୍ଟିକ ଜାଲରେ ଏକ ୬ଫୁଟ ଲମ୍ବର ଅଜଗର ଛନ୍ଦିହୋଇ ଛଟପଟ ହେଉଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ । ପରେ ସାପ ଧରାଳି ମନୋରଞ୍ଜନ ଦାସଙ୍କୁ ଖବର ଦେବାପରେ ଘଟଣାସ୍ଥଳରେସେ ପହଞ୍ଚି ବନବିଭାଗ ସହାୟତାରେ ସାପକୁ ଉଦ୍ଧାର କରି ସୁରକ୍ଷିତ ଭାବେ ନିକଟସ୍ଥ ଦେବଗିରି ପାହାଡ଼ରେ ଛାଡି ଦେଇଛନ୍ତି।



### ସଂକ୍ଷେପରେ

## କ୍ଲଷ୍ଟରସ୍ତରୀୟ ଜନ ଭାଗିଦାରୀ କାର୍ଯ୍ୟକ୍ରମ

ରୂପସା, ୧୧।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଜାମୁନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଜନଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚୁପାଣ୍ଡ ଧଳ ଅଧକ୍ଷତା କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଅନୀଲ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କର ମୌଳିକ ସାକ୍ଷରତା, ଭାଷା ଓ ଗଣିତ ବିଷୟରେ ଜ୍ଞାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ର ଏକ ବିଶାଳ ଶୋଭାଯାତ୍ରାରେ ପ୍ରଭାତଫେରି କରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଲା ଭାଜପା

ପାଟଣା,୧୧।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇ ପଶି ପଞ୍ଚାୟତ ନୂଆଗାଁରେ ଶନିବାର ଭାଜପାର ନିର୍ବାଚନ ମଣ୍ଡଳୀସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଭାଜପା ଓଡ଼ିଶା ସହ ପ୍ରଭାରୀ ତଥା ରାଜ୍ୟସଭା ଏମ୍ପି ବିଜୟ ପାଲସିଂ ତମାର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ରାଜ୍ୟ ଉପ ସଭାପତି ଶୁକେଶି ଓରାମ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ଉପ ସଭାପତି ମମିତା ନାଏକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାଧାକାନ୍ତ ମହାନ୍ତ, ଭାଜପା ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ବିଧାନସଭା ସଂଯୋଜକ ସୁଦର୍ଶନ ମହାନ୍ତ, ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ଜିଲା ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସଦସ୍ୟା ଦାସମତି ଚାତାର ପ୍ରମୁଖ ଯୋଗ ଦେଇଥିଲେ।

## ଦିବଂଗତ ଦୁଇ ପାଲାଗାୟକଙ୍କ ସ୍ମୃତିଚାରଣ

ଭଦ୍ରକ ଅଫିସ, ୧୧।୬- ଭଦ୍ରକ ଜିଲା ବନ୍ତ ବ୍ଲକର ଦିବଂଗତ ପାଲାଗାୟକ ତପନ ଲକ୍ଷ୍ମଣ ଚରଣ ରାଉତ ଓ ଭଣ୍ଡାରିପୋଖରୀ ବ୍ଲକର ଯୋଗେନ୍ଦ୍ର ସେନାପତିଙ୍କ ଉଦ୍ଦେଶ୍ୟରେ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ନଗର କଳା ସଂସ୍କୃତି ସଂଘ ଉପସଭାପତି ନରେନ୍ଦ୍ର ପ୍ରସାଦ ପରିଡ଼ା, ଭଦ୍ରକ ବ୍ଲକ ସଂଘର ପ୍ରଶାନ୍ତ କୁମାର ବେହେରା, ଧାମନଗରର ସୁବାସ ଚନ୍ଦ୍ର ମଲ୍ଲିକ, ଚାନ୍ଦବାଲିର ତ୍ରିଲୋଚନ ପଣ୍ଡା, ବନ୍ତର ନବ କୁମାର ଲେଙ୍କା, ବରିଷ୍ଠ କଳାକାର କାଳନ୍ଦୀ ମଲ୍ଲିକ, ସୁବାସ ବେହେରା, ଶରତ ସୂତାର, କମଳାକାନ୍ତ ନାୟକ, ନାରାୟଣ ବାରିକ, ରବୀନ୍ଦ୍ର ବାରିକ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।

# ଲେଭଲ-୨ ପରିବହନ ଠିକାଦାର ଚୟନରେ ଦୁର୍ନୀତି

### ପାତରଅନ୍ତର ନୀତି ଆପଣାଇଥିବା ଅଭିଯୋଗ

ବାଲେଶ୍ୱର ଅଫିସ,୧୧।୬

ବାଲେଶ୍ୱର ଜିଲା ଯୋଗାଣ ବିଭାଗରେ ଲେଭଲ-୨ ପରିବହନ ଠିକାଦାର ଚୟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଚୟନ ବେଳେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପାତରଅନ୍ତର ନୀତି ଆପଣାଯାଉଥିବା ବାଦ୍ ପଡ଼ିଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ଏନେଇ ନିରପେକ୍ଷ ତଦନ୍ତ କରିବାକୁ ସେମାନେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ବାଲେଶ୍ୱର ଜିଲାର ଲେଭଲ -୨ ପରିବହନ ଠିକାଦାର ଚୟନ ପାଇଁ ଗତ ମାସ ୯ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇ ଶେଷ ତାରିଖ ଗତ ମାସ ୨୬ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଥିଲା। ନିର୍ଦ୍ଦିଷ୍ଟ ସମୟରେ ୧୨ଟି ବ୍ଲକ ଓ ବାଲେଶ୍ୱର ମ୍ୟୁନିସିପାଲଟି ପାଇଁ ୨୨ ଜଣ ଆବେଦନ କରିଥିଲେ। ସେହି ମାସ ୩୧ତାରିଖ ଟେକ୍ନିକାଲ ବିଡ୍ ଖୋଲାଯାଇଥିଲା। ଏହା ପରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆବେଦନକାରୀ ସେମାନଙ୍କର ବିଭିନ୍ନ ପ୍ରମାଣପତ୍ର ଦେଖାଇଥିଲେ। ଖାଉଟି ବିଭାଗ, ଯୋଗାଣ ବିଭାଗ, ଡିଏସଡବ୍ଲ୍ୟୁ, ଶ୍ରମ ବିଭାଗର ଅଧିକାରୀମାନେ ମିଳିତ ଭାବେ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଆବେଦନକାରୀଙ୍କ କାଗଜପତ୍ରରେ କୌଣସି ତ୍ରୁଟି ନ ଥିବା ଅଧିକାରୀମାନେ କହିଥିଲେ। ଆବେଦନକାରୀଙ୍କ ଆବେଦନ ଫର୍ମ ଠିକ୍ ଥିବା ଶୁକ୍ରବାର ସମସ୍ତ ଆବେଦନକାରୀଙ୍କ ନିକଟକୁ ହ୍ୱାଟସ୍ଆପ୍ ଜରିଆରେ ମେସେଜ ଯାଇଥିଲା। ତେବେ ଅନ୍ଲାଇନରେ ଯାଞ୍ଚ କରିବା ପରେ ସେଗୁଡ଼ିକ ନାକଚ ହୋଇଥିବା ସେମାନେ ଜାଣିବାକୁ ପାଇଥିଲେ । ଫର୍ମର ୬(ବି) ଠିକ୍ ନ ଥିବାରୁ ଆବେଦନକାରୀଙ୍କ ଫର୍ମକୁ ନାକଚ କରାଯାଇଥିବା ଦର୍ଶାଯାଇଥିଲା ବୋଲି ଚୟନ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିବା ସଞ୍ଜୀବ କୁମାର ନାୟକ, ଗଗନ ବିହାରୀ ରାଉତ, ଅତୁଲ ପ୍ରଧାନ, ଚିତ୍ତରଞ୍ଜନ ସାହୁ ଓ ସୁଶାନ୍ତ କୁମାର ରାଉତ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ ୬(ବି)ର ଯେଉଁ ଆଧାରରେ ୬ ଜଣଙ୍କୁ ଚୟନ ପ୍ରକ୍ରିୟାରେ ବାଦ୍ ଦିଆଯାଇଛି, ଅନ୍ୟମାନଙ୍କ ପାଇଁ ଉକ୍ତ ନିୟମ ଲାଗୁ ହୋଇନାହିଁ। ଏମିତିକି ଚୟନ ପ୍ରକ୍ରିୟାରେ ଯେଉଁମାନଙ୍କୁ ଯୋଗ୍ୟ ଘୋଷଣା କରାଯାଇଛି, ସେମାନଙ୍କର ମଧ୍ୟରୁ ଅଧିକାଂଶ ଆବେଦନକାରୀଙ୍କ ୬(ବି) ଫର୍ମ ଭୁଲ ରହିଛି। ଏହାର ପ୍ରାମଣ ମଧ ଅଛି । ଏହି ୬(ବି) ଫର୍ମକୁ ଜାଲିଆତି କରାଯାଇଛି। ନିୟମିତ ଭାବେ ଜିଲାର ବିଭିନ୍ନ ବ୍ଲକର କିଛି ଠିକାଦାରଙ୍କୁ ଏହି ଦାୟିତ୍ୱ ଦିଆଯାଉଛି। ଏହି ଦୁର୍ନୀତିରେ ଯୋଗାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ସାମିଲ ଥିବା ସେମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ କହିଛନ୍ତି, ୨ ବର୍ଷକୁ ଏହି ଟେଣ୍ଡର ହୋଇଥାଏ। ଅନ୍ଲାଇନ ମାଧମରେ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଏବେଠାରୁ ସମସ୍ତ ବିଷୟ କହିହେବ ନାହିଁ, ଏଥିରେ କୌଣସି ପ୍ରକାର ଅନୁକମ୍ପା ମୂଳକ କାର୍ଯ୍ୟ ହୋଇନାହିଁ। ୬(ବି) ଫର୍ମରେ ସମସ୍ତଙ୍କର ଭୁଲ ନାହିଁ, ଯେଉଁମାନଙ୍କର ନାକଚ ହୋଇଛି ସେମାନଙ୍କର ଭୁଲ ଥିବାର ପ୍ରକାଶ କରିଛନ୍ତି।

## ଭୋକ ଆଗରେ ହାର ମାନିଛି ତାତି

କେନ୍ଦୁଝର,୧୧।୬(ସ୍ୱ.ପ୍ର.):

କେନ୍ଦୁଝର ଜିଲାର ତାପମାତ୍ରା ସାଧାରଣଠାରୁ ଅଧିକ ରହିଥିବା ବେଳେ ପ୍ରବଳ ରୌଦ୍ରତାପ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଅସହ୍ୟ ଖରାରେ ଘରୁ ବାହାରି ହେଉନି। ମାତ୍ର ପେଟପାଟଣା ପାଇଁ ବନବାସୀ, ଚାଷୀମାନେ ଫଳମୂଳ, ପନିପରିବା ଧରି ରାସ୍ତା କଡ଼ରେ ଗ୍ରାହକ ଅପେକ୍ଷାରେ ବସି ବାକୁ ବାଧ ହେଉଛନ୍ତି ।

ଦୀର୍ଘ ବାଟରୁ ଚାଲିଚାଲି ବନବାସୀ ଆସି କେନ୍ଦୁଝର ସହର ତଥା ଅନ୍ୟାନ୍ୟ ରାସ୍ତା କଡ଼ରେ ଖରାରେ ବସି ବାଉଁଶପାତିଆ ସାମଗ୍ରୀ, ମାଟି ହାଣ୍ଡି, ପନିପରିବା ଆଦି ଧରି ରାସ୍ତାକଡ଼ରେ ବିକ୍ରି କରୁଛନ୍ତି। ସେହିପରି ଦିନ ମଜୁରିଆମାନେ କାମ ଅପେକ୍ଷାରେ ଠିଆ ହୋଇ ରହୁଥିବା ବେଳେ ଅନେକ ପେଟପାଟଣା ପାଇଁ ଗରମରେ ଦିନ ତମାମ କାମ କରିବାକୁ ବାଧ ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ସୁବିଧା ଯୋଗାଇଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ଆଦିବାସୀ ମହିଳା ସମ୍ବାରୀ ଜୁଆଙ୍ଗ କହିଛନ୍ତି, ଖଟି ଖଟି ଯାହା ଫଳମୂଳ ସଂଗ୍ରହ କରିଛୁ,



ଜଣେ ଆଦିବାସୀ ମହିଳା ଖରାରେ ବସି ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି କରୁଛନ୍ତି।

ଆମ୍ଭରୁ ଆମ୍ଭସଢ଼ା ପ୍ରସ୍ତୁତ କରିଛୁ ସେସବୁ ବିକିବାକୁ ଆସିଛୁ। ଖରା ହେଉଛି କ'ଣ କରିବୁ। ବିକିଲେ ତେଲ ଲୁଣ କିଣି ଘରକୁ ନେଲେ ଚୁଲି ଜଳିବ ବୋଲି ସେ କହିଥିଲେ। ଅନାଦି ନାଏକ କହିଛନ୍ତି, ଆଗକୁ ରଜ ଅଛି। ଛୁଆପିଲାଙ୍କ ପାଇଁ ଜାମାପେଣ୍ଟ କିଣିବା ସହ ରଜ ଉତ୍ସବ ପାଇଁ ପଇସା ଦରକାର। ଏଣୁ ଖରାତରାରେ ଖଟିବାକୁ ପଡୁଛି ବୋଲି ସେ କହିଥିଲେ।

# ପାଣିଟାଙ୍କିରୁ ବାହାରୁଛି ବାଲି

ବୈଶିଙ୍ଗା,୧୧।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଚାଙ୍କିପଦା ପଞ୍ଚାୟତର କୁରାଡ଼ିକ ଗ୍ରାମରେ ୨୦୧୯ରୁ ବସୁଧା ଯୋଜନା ମାଧମରେ ନର୍ମିତ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ସହିତ ୨ଟି ବୋରିଂ ଖୋଳା ଯାଇଥିଲା। ହେଲେ ଦୀର୍ଘ ଦିନ ହେବ ବିଦ୍ୟୁତ୍ ସଂଯୋଗ କରାଯାଇ ପାରି ନ ଥିଲା। ତେବେ ଚଳିତ ବର୍ଷ ଏପ୍ରିଲ ମାସରେ ସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରାଯାଇ ଗ୍ରାମବାସୀଙ୍କୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ମାତ୍ର ୧ ମାସ ମଧରେ ଟ୍ୟାପ୍ରୁ ପାଣି ବଦଳରେ କୁଢ଼ କୁଢ଼ ବାଲି ବାହାରିବା ସହିତ ପାଣି ଆଉ ପାନୀୟ ଯୋଗ୍ୟ ହେଲାନି। ଏ ନେଇ ଗ୍ରାମବାସୀ ଠିକାଦାରଙ୍କୁ ଅଭିଯୋଗ କଲା ପରେ ସେ ୨ଟି ବୋରିଂରୁ



କୁରାଡ଼ିକ ଗାଁରେ ନିର୍ମିତ ଓଭରହେଡ୍ ପାଣି ଟାଙ୍କି।

ଗୋଟିଏରୁ ପ୍ରଚୁର ପରିମାଣରେ ବାଲି ବାହାରୁଥିବା ଦେଖିଥିଲେ। ସେହି ସମୟରେ ଓଭରହେଡ୍ ଟାଙ୍କିରୁ ମଧ ବାଲି ବାହାରି ଥିବାର ଗ୍ରାମବାସୀମାନେ ପ୍ରକାଶ କରିଥିଲେ। ପରେ ଠିକାଦାର ଦୁଇ ଥର କମ୍ପ୍ରେସର କରାଇଥିଲେ ମଧ ସମସ୍ୟାର କିଛି ସମାଧାନ ହୋଇ ନ ଥିଲା। ଏହି ଟାଙ୍କିରୁ ଗ୍ରାମର ୨୭୦ଟି ପରିବାରକୁ ପାଇପ୍ ସଂଯୋଗ କରାଯାଇ ପାଣି ଯୋଗାଇ ଦିଆଯାଉଥିଲା । ହେଲେ ଏବେ ଗୋଟିଏ ବୋରିଂ କାମ କରୁଥିବାବେଳେ ଏହା ଲୋକଙ୍କ ପାନୀୟ ଜଳ ଚାହିଦା ପୂରଣ କରିପାରୁନାହିଁ। ଫଳରେ ଲୋକେ ପାନୀୟ ଜଳ ସମସ୍ୟାକୁ ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ଖରାଦିନ ଆରମ୍ଭରୁ ଉତ୍କଟ ହୋଇଥିବା ଜଳ କଷ୍ଟ ନେଇ ଗ୍ରାମବାସୀ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି ।

## ମେଗା ଚିକିତ୍ସା ଶିବିର: ୨ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା

ଭୋଗରାଇ, ୧୧।୬(ଡି. ଏନ. ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଆରୁହାବୃତ୍ତି-୧ ପଞ୍ଚାୟତ ଅଧୀନ ବାରବାଟିଆ ଜନାର୍ଦ୍ଦନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଭୁବନେଶ୍ୱର ଏମ୍ସରେ କାର୍ଯ୍ୟରତ କର୍କଟ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସରୋଜ କୁମାର ଦାସ ମଜୁମଦାରଙ୍କ ନେତୃତ୍ୱରେ ଏକ ମେଗା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୁବନେଶ୍ୱର, କଟକ ଓ ବାଲେଶ୍ୱରର ବିଭିନ୍ନ ମେଡ଼ିକାଲ କଲେଜରେ କାର୍ଯ୍ୟରତ କର୍ଣ୍ଣ, ନାସା ଓ ଗଳା ରୋଗ ବିଶେଷଜ୍ଞ ଡାକ୍ତର ଆରଭିଏସ କୁମାର, ଦନ୍ତ ଶଲ୍ୟ ରୋଗ ବିଶେଷଜ୍ଞ ଡାକ୍ତର ଅଶୋକ ଜେନା, ଜେନେରାଲ ମେଡିସିନ ବିଭାଗ ବିଶେଷଜ୍ଞ ଡାକ୍ତର ଆଲୋକ କୁମାର ପଟ୍ଟନାୟକ, ଗ୍ୟାଷ୍ଟ୍ରୋଲୋଜି ବିଭାଗ ବିଶେଷଜ୍ଞ ଡାକ୍ତର ପ୍ରକାଶ ଚନ୍ଦ୍ର ଦଳାଇ, ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତର ଗିରିଶ ଚନ୍ଦ୍ର ସାହୁ, ହୃଦରୋଗ ବିଶେଷଜ୍ଞ ଡାକ୍ତର ଦେବାଶିଷ ଦାସ, ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଶଙ୍କର ରାୟ, ଏଣ୍ଡୋକ୍ରିନୋଲୋଜି ବିଶେଷଜ୍ଞ ଡାକ୍ତର ଧୀରଜ ପଣ୍ଡା, ଚର୍ମ ରୋଗ ବିଶେଷଜ୍ଞ ଡାକ୍ତର ସିଏସ ସିରକା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ବିଶେଷଜ୍ଞ ଡାକ୍ତର ନିହାର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର ୨୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। କେତେକ ଗୁରୁତର ରୋଗୀଙ୍କୁ ଭୁବନେଶ୍ୱର ଏମ୍ସ ଓ କଟକ ବଡ ମେଡିକାଲକୁ ରେଫର କରାଯାଇଛି। ଏଥିସହିତ ଚକ୍ଷୁ ରୋଗୀଙ୍କୁ ମାଗଣା ଚଷମା ଓ ଔଷଧ ବଣ୍ଟନ କରାଯାଇଛି। ଶିକ୍ଷକ ନେତା ରାଜେନ୍ଦୁ ବିକାଶ ପାତ୍ର, ବାରବାଟିଆ ଜନାର୍ଦ୍ଦନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌଭାଗ୍ୟ ରଞ୍ଜନ ଦେ, ଶିକ୍ଷକ ବାଳଗୋପାଳ ଦାସ, ସାମାଜିକ କର୍ମୀ ଯୋଗେନ୍ଦ୍ର ନାଥ ପାଳ ପ୍ରମୁଖ ପରିଚାଳନା କରିଥିଲେ।

## ସେବା ଗ୍ରୁପ ପକ୍ଷରୁ ୨୦୦ ମଶାରି ବଣ୍ଟନ



ଗ୍ରୁପ୍ ପକ୍ଷରୁ ମଶାରି ବଣ୍ଟନ କରାଯାଉଛି।

ବଡ଼ବିଲ,୧୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ସଂଗଠନ ସେବା ଗ୍ରୁପ ପକ୍ଷରୁ ରବିବାର ୨ ଶହ ଅସହାୟଙ୍କୁ ମଶାରି ପ୍ରଦାନ କରାଯାଇଛି। ଗ୍ରୁପ ପକ୍ଷରୁ ଗତ ସପ୍ତାହରେ ପୌରାଞ୍ଚଳର ଦାମୁ ହଟିଂ, ଉତ୍ତମ ସିଂ ହଟିଂ, ତପ୍ପୋ ହଟିଂ, ସାଧୁସିଂ ହଟିଂ ଓ ଉପରବସ୍ତି ଆଦି ଅଞ୍ଚଳରୁ ପୌରାଞ୍ଚଳର ୨ ଶହ ଅଭାବୀଙ୍କୁ ଚିହ୍ନଟ କରାଯାଇଥିଲା। ଗ୍ରୁପର ଆବାହକ ଶଙ୍କର କୋନାରଙ୍କ ପ୍ରଚେଷ୍ଟାରେ ଏକ ଘରୋଇ କମ୍ପାନୀ ସହାୟତାରେ ସଭାପତି ବିନୋଦ ଭୌସିଙ୍ଗା, ସମ୍ପାଦକ ତରୁଣ ସେନ୍, କମ୍ପାନୀର ଅଧିକାରୀ ଓ କର୍ମକର୍ତ୍ତାମାନେ ମଶାରି ବଣ୍ଟନ କରିଥିଲେ।

## ଜାତୀୟସ୍ତରୀୟ ସ୍ୱର-ତାଳ ମହୋତ୍ସବ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟମାନେ।

ମୋରଡ଼ା,୧୧।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଚୁଆପଦାଠାରେ ଜାତୀୟସ୍ତରୀୟ ସ୍ୱର-ତାଳ ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ନିଚୁଆପଦା ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଉକ୍ତ ମହୋତ୍ସବକୁ ସଂସ୍କୃତି ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବ୍ୟକ୍ତା ଭାବେ ମୋରଡ଼ା ବିଧାୟକ ରାଜକିଶୋର ଦାସ, ସମ୍ମାନୀୟ ଅତିଥି ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ୩୯ ନଂ.ଜୋନ ଜିଲା ପରିଷଦ ସଦସ୍ୟା ଝରଣା ମୁର୍ମୁ , ଭାଲିଆଡ଼ିହା ସରପଞ୍ଚ ସୌଦାମିନୀ ସିଂ , ପଞ୍ଚାୟତ ସମିତି ସଭ୍ୟା ଝୁନାରାଣୀ ସେଠୀ, ଅନୁଷ୍ଠାନର ଉପଦେଷ୍ଟା ଛୋଟେଲାଲ ମହାନ୍ତ, ସଭାପତି ଉମେଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ଚୈତନ୍ୟ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ହରେନ୍ଦ୍ର ନାଥ ମହାନ୍ତ ଓ ଦେବବ୍ରତ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ବିଶିଷ୍ଟ ଛଉନୃତ୍ୟ ଗୁରୁ ସୁନୀଲ କୁମାର ମହାନ୍ତ ଏବଂ ଓଡ଼ିଶୀ ନୃତ୍ୟ ଗୁରୁ ପଙ୍କଜ କୁମାର ପ୍ରଧାନଙ୍କୁ ଗୁରୁ ରମଣୀରଞ୍ଜନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

## ହୃଦ୍‌ଘାତ୍‌ରେ ବିଜେଡ଼ି ନେତାଙ୍କ ମୃତ୍ୟୁ

ନୀଳଗିରି, ୧୧।୬ (ସ୍ୱ.ପ୍ର.)

ନୀଳଗିରି ବ୍ଲକ ଅଧୀନ ଗରଡିହି ଗ୍ରାମର ବିଜେଡି ନେତା ଜୟକୃଷ୍ଣ ଖିଲାର(୫୨) ପ୍ରାଣ ହରାଇଛନ୍ତି। ରବିବାର ସକାଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ନୀଳଗିରି ହସ୍‌ପିଟାଲ ଆଣିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସୁଧାର ନ ଆସିବାରୁ ଭୁବନେଶ୍ୱରସ୍ଥିତ ଘରୋଇ ହସ୍‌ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ଗରଡ଼ିହି ଅଣାଯାଇ ଶେଷକୃତ୍ୟ କରାଯିବ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ଗଭୀରଶୋକ ପ୍ରକାଶ କରିଛନ୍ତି।

## ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଚାରାରୋପଣ

ବାହାନଗା, ୧୧।୬(ଡି.ଏନ.ଏ.)

ପଶ୍ଚିମବଙ୍ଗର ଶିକ୍ଷକମାନଙ୍କ ଦ୍ୱାରା ଗଢ଼ାଯାଇଥିବା ମେଦିନୀପୁର କୁଇଜ ଏବଂ ସୋସିଆଲ ୱେଲଫେୟାର ସୋସାଇଟି ନାମକ ସଙ୍ଗଠନର ସଦସ୍ୟମାନେ ବାହାନଗା ଉଚ୍ଚବିଦ୍ୟାଳୟକୁ ଆସି ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡେଲ ଜାଳି ନୀରବ ପ୍ରାର୍ଥନା କରିବା ସହ ପୁଷ୍ପାଞ୍ଜଳି ପ୍ରଦାନକରିଥିଲେ। ପରେ ଅମର ଆତ୍ମାଙ୍କର ସ୍ମୃତିରେ ଚାରାରୋପଣ କରାଯାଇଥିଲା। ଉକ୍ତ ସଙ୍ଗଠନର ସଦସ୍ୟଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ବାହାନଗା ରେଳ ଦୁର୍ଘଟଣାରେ କରମଣ୍ଡଳ ଟ୍ରେନରେ ଯାତ୍ରା କରୁଥିବା ପଶ୍ଚିମବଙ୍ଗ ମେଦିନୀପୁର ଜିଲା ଚୈତନ୍ୟପୁର ଅଞ୍ଚଳର ଉତ୍ତମ ଭୌମିକ ମୃତ୍ୟୁବରଣ କରିଥିବାରୁ ତାଙ୍କ ବଡ଼ ଝିଅ ସୁମିତ୍ରା ଭୌମିକଙ୍କର ସମସ୍ତ ଖର୍ଚ୍ଚ ଉକ୍ତ ସଙ୍ଗଠନ ବହନ କରିବ ବୋଲି ସୂଚନା ଦେଇଛନ୍ତି ।

# ତିହିଡ଼ି ବଜାରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ

ତିହିଡ଼ି,୧୧।୬ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବଜାରରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିନେ ବର୍ଷା ହେଲେ ସପ୍ତାହକ ପର୍ଯ୍ୟନ୍ତ ପାଣି ଜମି ରହୁଛି। ରାସ୍ତାର ଉଭୟପାର୍ଶ୍ୱରେ ବର୍ଷା ପାଣି ଜମି ରହିବା ଫଳରେ ଦୁର୍ଗନ୍ଧ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ନିର୍ମାଣ ସମୟରେ ତିହିଡ଼ି ବଜାରରେ ପାଣି ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଇ ନ ବାରୁ ଏପରି ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକେ ଏନେଇ ଅସନ୍ତୋଷ ପ୍ରକାଶ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରାଯାଇଥିଲା। ମାତ୍ର କିଛି ମାସ ପରେ ଏହା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଅସରାଏ ବର୍ଷା ହେଲେ ରାସ୍ତାର ଉଭୟପାର୍ଶ୍ୱରେ ସପ୍ତାହେ ଯାଏ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି।

ତିହିଡ଼ି ବଜାରରେ ରାସ୍ତାପାର୍ଶ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ଦୁର୍ଗନ୍ଧ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବର୍ଷା ସମୟରେ ରାସ୍ତାର ଗୋଟେ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ଯିବା ସମ୍ଭବ ହେଉନାହିଁ। ଏଥିଯୋଗୁ ବଜାରକୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଆଗକୁ ବର୍ଷାଦିନ ଆସୁଥିବାରୁ ଡ୍ରେନେଜ ବ୍ୟବସ୍ଥା ନ ସୁଧାରିଲେ ତିହିଡ଼ି ବଜାର ନର୍ଦ୍ଦମା ପାଣିରେ ଭାସିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।



ତିହିଡ଼ି ବଜାରରେ ରାସ୍ତାରେ ବର୍ଷାପାଣି ଜମିଛି।

# ପାଇପ୍ ବିଛା ହୋଇଛି, ଜମି ପଡ଼ିଆ

କେନ୍ଦୁଝର,୧୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ କୋଡ଼ିପଶା ଜୁଆଙ୍ଗ ଗ୍ରାମରେ ହୋଇଥିବା ସୋଲାର ଉଠା ଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗୁନି। ଜିଲାର ପୁରାତନ ଜନଜାତି ଜୁଆଙ୍ଗମାନଙ୍କ ଚାଷଜମିକୁ ପାଇପ ବିଛାଇ ଏକ ନାଳରୁ ପାଣି ଉଠାଇ ଜଳସେଚନ ଲକ୍ଷ୍ୟରେ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ବିଲରେ ପାଇପ ତ ପଡ଼ିଛି, କିନ୍ତୁ ପାଣି ଆସୁନି। ଫଳରେ ସମସ୍ତ ବିଲ ପଡ଼ିଆ ପଡ଼ିଥିବା ଦେଖାଯାଉଛି। ମାତ୍ର କିଛି ଦିନ କାମ କରିବା ପରେ ବନ୍ଦ ରହିଛି। ଷ୍ଟାଣ୍ଡ ଓ ଜଳସେଚନ ପଏଣ୍ଟ ଫାଟି ଗଲାଣି। ଠିକ୍ ସ୍ଥାନରେ ପ୍ରକଳ୍ପ ନିର୍ମାଣ ହୋଇ ନ ଥିବାରୁ ଆବଶ୍ୟକତା ଅନୁଯାୟୀ ଜଳସେଚନ ହୋଇପାରୁନାହିଁ ବୋଲି ମନୋଜ ବେହେରାଙ୍କ ସମେତ ଅନ୍ୟ ଜୁଆଙ୍ଗମାନେ ମତବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଜୁଆଙ୍ଗମାନଙ୍କ ଚାଷଜମିକୁ ବିଶେଷକରି ରବି ଋତୁରେ ଜଳସେଚନ ନିମନ୍ତେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ପକ୍ଷରୁ ୩ ଲକ୍ଷ ୯୬ ହଜାର ୯୬୮ ଟଙ୍କା ବ୍ୟୟ ଅଟକଳରେ ୨୦୨୨-୨୩ରେ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଛି। ଏହାଦ୍ୱାରା ପାଖାପାଖି ୧୦ ଏକର ଜମିକୁ ଜଳସେଚନ ଏବଂ ବର୍ଷାଦିନ ବ୍ୟତୀତ ଖରା, ଶୀତ ଋତୁରେ ଜମିକୁ ପାଣି ମଡ଼ାଇ ପନିପରିବା, ଆଳୁ ଆଦି ଚାଷ କରିବାର ଲକ୍ଷ୍ୟ ରଖାଯାଇଥିଲା। ତେବେ ପାଇପ୍ ସଂଯୋଗ ହୋଇଥିବା ନାଳରେ ଖରା ଓ ଶୀତ ଋତୁରେ ପାଣି ରହୁ ନ ଥିବାରୁ ଏହା କିଭଳି ସଫଳ ରୂପାୟନ ହୋଇପାରିବ ସେ ନେଇ ଜୁଆଙ୍ଗମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ନାଳରୁ ସୋଲାର ସଂଯୋଗରେ ପମ୍ପ ଯୋଗେ ପାଣି ଉଠାଇ ଏକ ଓଭରହେଡ୍ ଟାଙ୍କିରେ ରଖାଯାଇ ପ୍ରତ୍ୟେକ ଜମିକୁ ପାଣି ଯୋଗାଇଦେବା ବ୍ୟବସ୍ଥା ମଧ କରାଯାଇଛି। କିନ୍ତୁ ଯେତିକି ଉଚ୍ଚରେ ପାଣିଟାଙ୍କି ରହିଛି ସେଥିରୁ ଦୂରରେ ଥିବା ଚାଷଜମିକୁ ଜଳ ପହଞ୍ଚିପାରିବ ସେ ନେଇ ସନ୍ଦେହ ଉପୁଜିଛି। ନୂତନ ଭାବେ ନିର୍ମାଣ କରାଯାଇଥିବା ଓଭରହେଡ୍ ଟାଙ୍କିର କଂକ୍ରିଟ ଷ୍ଟାଣ୍ଡ ଓ ଜଳସେଚନ ପଏଣ୍ଟ ଫାଟିଗଲାଣି। ଅନ୍ୟପକ୍ଷରେ ଗ୍ରାମଠାରୁ ବହୁ ଦୂରରେ ସୋଲାର ପ୍ଲେଟ୍, ପମ୍ପ ତଥା ପାଇପ ବିଛାଯାଇ ପ୍ରକଳ୍ପ ନିର୍ମାଣ କରାଯାଇଥିବାରୁ ଦେଖାରଖା ହୋଇ ନ ପାରିଲେ ଏସବୁ ଚୋରି ହେବା ଆଶଙ୍କା ରହିଛି। ପାଣିଟାଙ୍କି ଥିବା ସ୍ଥାନ ଫାଟିଯାଇଥିବାରୁ ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ସେହିପରି ପ୍ରବଳ ବର୍ଷା ବା ବାତ୍ୟା ହେଲେ ଏହା କ୍ଷତିଗ୍ରସ୍ତ ହେବା ଆଶଙ୍କା ରହୁଛି। ଏ ନେଇ ବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନେବାକୁ ଦାବି ହୋଇଛି। ଜୁଆଙ୍ଗ ଉନ୍ନୟନ ସଂସ୍ଥାର କନିଷ୍ଠଯନ୍ତ୍ରୀ ଇଂ. ରାଜେଶ ମହାନ୍ତ କହିଛନ୍ତି, ପ୍ରକଳ୍ପ କାମ କରୁଛି। କେବଳ ଶୀତଦିନରେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ନିର୍ମାଣ କରାଯାଇଛି। ଠିକ୍ ଭାବରେ କାର୍ଯ୍ୟକ୍ଷମ ହେଉଛି। ଲୋକମାନେ ଏହାର ଦେଖାରଖା କରିବେ।



ବିଲରେ ବିଛା ଯାଇଥିବା ପାଇପ୍ ଲାଇନ୍।

### ସୋଲାର ଉଠା ଜଳସେଚନ ପ୍ରକଳ୍ପ

- ଖରା, ଶୀତ ଦିନେ ନାଳ ଶୁଖିଲା
- ଷ୍ଟାଣ୍ଡ, ଜଳସେଚନ ପଏଣ୍ଟ ଫାଟିଗଲାଣି
- ଠିକ୍ ସ୍ଥାନରେ ହୋଇ ନ ଥିବାରୁ କାମରେ ଲାଗୁନି

